ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 19-01-2024

ଗଅଞ୍ଜମ(ଓଡିଶା) - :2024-01-19 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-01-20 | 2024-01-21 | 2024-01-22 | 2024-01-23 | 2024-01-24 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 28.0 | 28.0 | 27.9 | 27.7 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 20.0 | 20.0 | 20.0 | 21.0 | 21.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 89 | 90 | 91 | 91 | 90 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 44 | 52 | 50 | 56 | 57 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 8 | 8 | 7 | 9 |
| ପବନର ଦିଗ (ଡିଗ୍ରୀ) | 162 | 180 | 193 | 167 | 180 |
| ମେଘାଚ୍ଛନ (ଅକ୍ଟା) | 5 | 2 | 3 | 4 | 3 |

## ପାଣିପାଗ ସାରାଂଶ/ସତର୍କ:

ଭାରତ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଆଂଶିକ ମେଘୁଆ ଆକାଶ ସହିତ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ଶୁଖିଲା ପାଗ ରହିବାର ସମ୍ଭାବନା ରହିଛି । ପବନ ଘଣ୍ଟା ପ୍ରତି 6-9 କିଲୋମିଟର ମଧ୍ୟରେ ରହିବାର ସମ୍ଭାବନା ଅଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ 27.0-28.0 ° C ରୁ 20.0-21.0 ° C ମଧ୍ୟରେ ରହିବ | ଆସନ୍ତା ପାଞ୍ଚ ଦିନ ପାଇଁ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ଏବଂ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ 89-91% ରୁ 44-57% ମଧ୍ୟରେ ରହିବାର ସମ୍ଭାବନା ରହିଛି |

## ସାଧାରଣ ଉପଦେଶ:

ଆସନ୍ତା ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ। ବର୍ତ୍ତମାନ ପନିପରିବା ର ତଳି ରୋଉ ଥିଲେ ରାତିର କମ୍ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ରାତିରେ ତଳିକୁ ଠୁଙ୍ଗାରେ ଘୋଡାଇ ଦିଅନ୍ତୁ । ତୈଳତୈବୀଜ ଫସଲର ବୁଣାବୁଣି ପାଇଁ ତାପମାତ୍ରା ବଢିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଆସନ୍ତା ପାଞ୍ଚ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ନାହିଁ |

**ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଦାମ | ବାଦାମରେ ପତ୍ରସୁଡଙ୍ଗୀ ପୋକ ଆକ୍ରମଣ ପାଇଁ ପାଣିପାଗ ଅନୁକୂଳ ଅଛି ନିୟନ୍ତ୍ରଣ କରିବା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ନିମ ଆଧାରିତ କୀଟନାଶକ (ଆଜାଦିରାକ୍ଟିନ୍) 300 PPM @ 1-ଲିଟର / ଏକର 200 ଲିଟର ପାଣି ରେ ମିଶାଇ ସ୍ପ୍ରେ କରନ୍ତୁ । ଚାଷୀମାନେ କୋଡ଼ାଘୋସା କରି ବାଦାମରେ ଜିପସମ୍ @ 200 କିଲୋଗ୍ରାମ / ଏକର ପ୍ରୟୋଗ କରନ୍ତୁ \| |
| କ୍ଲଷ୍ଟର ବିନ | କେତେକ ସ୍ଥାନରେ ପତ୍ର ପୋଡା ରୋଗ ଦେଖା ଦେଇଛି ନିୟନ୍ତ୍ରଣ କରିବା ପାଇଁ15 lt ପାଣିରେ ଆଜୋକ୍ସିଷ୍ଟ୍ରୋବିନ୍ + ଟେବୁକୋନାଜୋଲ 15 ମିଲି ମିଶାଇ ସ୍ପ୍ରେ କରନ୍ତୁ \| |

**ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଇଗଣ | ବାଇଗଣର ପ୍ରାଥମିକ ଅବସ୍ଥାରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶୁଖିଯାଏ, ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| କାଓପିଇ | କେତେକ ସ୍ଥାନରେ ବିନ ଫସଲ ରେ ପାଉଁଶିଆ ପତ୍ର ରୋଗ ପରିଲକ୍ଷିତ ହୋଇଛି, ରାସାୟନିକ ପରିଚାଳନା ପାଇଁ 30 ଗ୍ରାମ୍ ମେଟାଲାକ୍ସିଲ୍ ୪% + ମାନକୋଜେବ 64% ସହିତ ଥିଏମେଟୋକ୍ସାମ 3 ଗ୍ରାମ 14 ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ \| |

**ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:**

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ସକାଳୁ ପଶୁ ପକ୍ଷୀ ମାନଙ୍କୁ ଉଷୁମ ପାଣି ତୋରାଣି ଓ ଖାଦ୍ୟ ଦିଅନ୍ତୁ, ଆବଶ୍ୟକ ଅନୁସାରେ ଲୁଣ ଦିଅନ୍ତୁ, କ୍ଷୀର ଦେଉଥିବା ଗାଈ ମାନଙ୍କୁ ପିଡିଆ ଓ ଗୁଡା ଦେବା ଆବଶ୍ୟକ ଏହା ଦ୍ଵାରା ନିଜ ଶରୀର ର ତାପମାତ୍ରା ବଜାଏ ରଖିପାରେ \| |
| ଛେଳି | ଛେଳି ମେଣ୍ଢା ଙ୍କ ପି. ପି. ଆର. , ଥଣ୍ଡା ଜ୍ଵର ଆଦିର ଚିକିତ୍ସ୍ୟ କରିବା ଆବଶ୍ୟକ ସମୟ ପୂର୍ବରୁ ଟୀକାକରଣ କରେଇନେବା ଦରକାର |